# ଜିଲ୍ଲାପାଳ ଓ ଜିଲ୍ଲାମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ

(ଭୂ-ଅର୍ଜନ ଉପ-ବିଭାଗ)

ବିଜ୍ଞପ୍ତି ସଂଖ୍ୟା ୨୧୦୪ /ତାରିଖ ୦୪.୧୨.୨୦୨୫

ଏତଦ୍ ଦ୍ଵାରା ନିମ୍ନଲିଖିତ ଗ୍ରାମବାସୀଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ଚିଫ୍ ଜେନେରାଲ ମ୍ୟାନେଜର (ଲ୍ୟାଣ୍ଡ ) ଇଡକୋ,ଭୁବନେଶ୍ଵରଙ୍କ ଦ୍ଵାରା ସୁନ୍ଦରଗଡ ଜିଲ୍ଲାର ହେମଗିର ତହସିଲର ବିଜାହାନ ଓ ଭୋଗ୍ରାକଛାର ଗ୍ରାମରେ ଶିଳ୍ପାୟନ ପ୍ରତିଷ୍ଠା (Land Bank filling) ନିମନ୍ତେ ଏକର **୪୩୮.୨୧୦** ଭୂମି ଅଧିଗ୍ରହଣ କରାଯିବା ନିମନ୍ତେ ଓଡିଶା ରାଜ୍ୟ ପ୍ରଭାବ ଆକଳନ (Odisha State SIA Unit, NCDS, Bhubaneswar) ଏକ ପ୍ରାରୂପି ସାମାଜିକ ପ୍ରଭାବ ଆକଳନ ବିବରଣୀ (Draft SIA Report) ପ୍ରସ୍ତୁତି କରିଛନ୍ତି। ଉକ୍ତ ବିବରଣୀ ସମ୍ବନ୍ଧରେ ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀଙ୍କ ମତାମତ ନେବା ନିମନ୍ତେ ନିମ୍ନସୂଚୀ ଅନୁଯାୟୀ ଜନଶୁଣାଣୀ ଆୟୋଜିତ ହେବାର ସ୍ଥିରିକୃତ ହୋଇଅଛି । ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀମାନେ ଉକ୍ତ ଜନଶୁଣାଣୀରେ ଉପସ୍ଥିତ ରହି ସାମାଜିକ ପ୍ରଭାବ ଉପରେ ନିଜ ମତାମତ ଉପସ୍ଥାପନ କରିପାରିବେ । ସାମାଜିକ ପ୍ରଭାବ ଆକଳନ ବିବରଣୀ (SIA Report) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ଏବଂ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଉପଲବ୍ଧ ଅଟେ ।

<u>ଜନଶୁଣାଣୀର କାର୍ଯ୍ୟସୂଚୀ</u>

| ପ୍ରଭାବିତ ଗ୍ରାମ | ଦିନାଙ୍କ | ସମୟ | ସ୍ଥାନ |
|---|---|---|---|
| ବିଜାହାନ | ୧୯.୧୨.୨୦୨୫ | ଦିବା ୧୦.୩୦ ଘଟିକା | ବିଜାହାନ |
| ଭୋଗ୍ରାକଛାର | ୨୦ .୧୨.୨୦୨୫ | ଦିବା ୧୦ .୩୦ ଘଟିକା | ଭୋଗ୍ରାକଛାର |

ଜିଲ୍ଲାପାଳ, ସୁନ୍ଦରଗଡ

ଜ୍ଞାପକ ସଂଖ୍ୟା ୨୧୦୫ / ତାରିଖ ୦୪.୧୨.୨୦୨୫

ଏହାର ଏକକିତା ନକଲ ସରପଞ୍ଚ ଝାରପଲମ ଗ୍ରାମପଞ୍ଚାୟତଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରରଣ କରାଗଲା । ତାଙ୍କୁ ଅନୁରୋଧ କରାଯାଉଛି ଯେ ସମ୍ପୃକ୍ତ ଗ୍ରାମରେ ବ୍ୟାପକ ପ୍ରଚାର କରିବେ ଏବଂ ଉକ୍ତ ଜନଶୁଣାଣୀରେ ଉପସ୍ଥିତ ରହିବେ ।

ଜିଲ୍ଲାପାଳ, ସୁନ୍ଦରଗଡ

ଜ୍ଞାପକ ସଂଖ୍ୟା ୨୧୦୬ / ତାରିଖ ୦୪.୧୨.୨୦୨୫

ଏହାର ଏକକିତା ନକଲ ସଂଯୋଜକ, ସମନ୍ବୟକାରୀ ସଂସ୍ଥା, ନବକୃଷ୍ଣ ଚୌଧୁରୀ ସେଣ୍ଟର ଡେଭଲପମେଣ୍ଟ, ଭୁବନେଶ୍ଵରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ସୁନ୍ଦରଗଡ

ଜ୍ଞାପକ ସଂଖ୍ୟା ୨୧୦୭ / ତାରିଖ ୦୪-୧୨-୨୦୨୪

ଏହାର ଏକକିତା ନକଲ ଚିଫ୍ ଜେନେରାଲ ମ୍ୟାନେଜର (ଲ୍ୟାଣ୍ଡ ) ଇଡକୋ, ଭୁବନେଶ୍ୱର ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ସୁନ୍ଦରଗଡ

ଜ୍ଞାପକ ସଂଖ୍ୟା ୨୧୦୮ / ତାରିଖ ୦୪-୧୨-୨୦୨୪

ଏହାର ଏକକିତା ନକଲ ଉପ-ଜିଲ୍ଲପାଳ ,ସଦର, ସୁନ୍ଦରଗଡଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଯେ ସେ ଉକ୍ତ ଜନଶୁଣାଣୀରେ ଉପସ୍ଥିତ ରହିବେ ।

ଜିଲ୍ଲାପାଳ, ସୁନ୍ଦରଗଡ

ଜ୍ଞାପକ ସଂଖ୍ୟା ୨୧୦୯ / ତାରିଖ ୦୪-୧୨-୨୦୨୪

ଏହାର ଏକକିତା ନକଲ ଆରକ୍ଷୀ ଅଧିକ୍ଷକ, ସୁନ୍ଦରଗଡ଼ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ତାଙ୍କୁ ଅନୁରୋଧ କରାଯାଉଛି ଯେ ଜନଶୁଣାଣୀକୁ ସୁଚାରୁ ରୁପେ ପରିଚାଳନା କରିବା ନିମନ୍ତେ ଜନଶୁଣାଣୀ ସ୍ଥଳରେ ବ୍ୟାପକ ପୋଲିସ ମୁତୟନ କରିବେ ।

ଜିଲ୍ଲାପାଳ, ସୁନ୍ଦରଗଡ

ଜ୍ଞାପକ ସଂଖ୍ୟା ୨୧୧୦ / ତାରିଖ ୦୪-୧୨-୨୦୨୪

ଏହାର ଏକକିତା ନକଲ ଭାରପ୍ରାପ୍ତ ଥାନା ଅଧିକାରୀ ହେମଗିରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ସୁନ୍ଦରଗଡ

ଜ୍ଞାପକ ସଂଖ୍ୟା ୨୧୧୧ / ତାରିଖ ୦୪-୧୨-୨୦୨୪

ଏହାର ଏକକିତା ନକଲ ଗୋଷ୍ଠି ଉନୟନ ଅଧିକାରୀ/ ତହସିଲଦାର, ହେମଗିରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଯେ ସେ ଉକ୍ତ ଜନଶୁଣାଣୀରେ ଉପସ୍ଥିତ ରହିବେ ।

ଜିଲ୍ଲାପାଳ, ସୁନ୍ଦରଗଡ

ଜ୍ଞାପକ ସଂଖ୍ୟା ୨୧୧୨ / ତାରିଖ ୦୪-୧୨-୨୦୨୪

ଏହାର ଏକକିତା ନକଲ ଜିଲ୍ଲା ଇ-ସରକାର ମ୍ୟାନେଜର, ସୁନ୍ଦରଗଡଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ଅନୁରୋଧ କରାଯାଉଅଛି ଯେ ଉକ୍ତ ପତ୍ରଟିକୁ ଜିଲ୍ଲା ୱେବସାଇଟ୍ ରେ ଉପଲବ୍ଧ କରାଇବେ ।

ଜିଲ୍ଲାପାଳ, ସୁନ୍ଦରଗଡ